# .. ଶ୍ରୀମଦ୍ଭଗବଦ୍ଗୀତା ଚତୁର୍ଥୋଽଧ୍ୟାୟଃ (ଜ୍ଞାନକର୍ମସଂନ୍ୟାସଯୋଗଃ) ..

## ଅଥ ଚତୁର୍ଥୋଽଧ୍ୟାୟଃ . ଜ୍ଞାନକର୍ମସଂନ୍ୟାସଯୋଗଃ

CHAPTER 4
PATH OF RENUNCIATION WITH KNOWLEDGE

**ଶ୍ରୀଭଗବାନୁବାଚ .**

**ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟମ୍ .**

**ବିବସ୍ୱାନ୍ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍ .. ୪-୧..**

ଶ୍ରୀଭଗବାନ୍ କହିଲେ -- ମୁଁ ଏହି ଅବିନାଶୀ ଯୋଗ ସୂର୍ଯ୍ୟଙ୍କୁ କହିଥିଲି, ସୂର୍ଯ୍ୟ ନିଜର ପୁତ୍ର ବୈବସ୍ୱତ ମନୁଙ୍କୁ ତାହା କହିଥିଲେ ଏବଂ ମନୁ ନିଜର ପୁତ୍ର ରାଜା ଇକ୍ଷ୍ୱାକୁଙ୍କୁ ତାହା କହିଥିଲେ ||୪-୦୧||

The Supreme Lord said: I taught this imperishable (science of right action, or) Karma-yoga to (King) Vivasvaan. Vivasvaan taught it to Manu. Manu taught it to Ikshavaaku. (4.01)

**ଏବଂ ପରଂପରାପ୍ରାପ୍ତମିମଂ ରାଜର୍ଷୟୋ ବିଦୁଃ .**

**ସ କାଲେନେହ ମହତା ଯୋଗୋ ନଷ୍ଟଃ ପରଂତପ .. ୪-୨..**

ହେ ପରନ୍ତପ ଅର୍ଜୁନ! ଏପରିଭାବରେ ପରମ୍ପରାରୁ ପ୍ରାପ୍ତ ଏହି ଯୋଗ ରାଜର୍ଷିମାନେ ଜାଣିଥିଲେ; କିନ୍ତୁ ତା'ପରେ ସେହି ଯୋଗ ବହୁକାଳରୁ ଏହି ପୃଥିବୀଲୋକରେ ଲୁପ୍ତପ୍ରାୟ ହୋଇଯାଇଛି ||୪-୦୨||

Thus handed down in succession the royal sages knew this (Karma-yoga). After a long time the science of Karma-yoga was lost from this earth. (4.02)

**ସ ଏବାୟଂ ମୟା ତେଽଦ୍ୟ ଯୋଗଃ ପ୍ରୋକ୍ତଃ ପୁରାତନଃ .**

**ଭକ୍ତୋଽସି ମେ ସଖା ଚେତି ରହସ୍ୟଂ ହ୍ୟେତଦୁତ୍ତମମ୍ .. ୪-୩..**

ତୁମେ ମୋର ଭକ୍ତ ଓ ପ୍ରିୟସଖା; ଏଣୁ ଏହି ପୁରାତନ ଯୋଗ ହିଁ ଆଜି ମୁଁ ତୁମକୁ କହିଦେଲି; କାରଣ ଏହ ହେଉଛି ଅତ୍ୟନ୍ତ ଉତ୍ତମ ରହସ୍ୟ ଅର୍ଥାତ୍ ଗୁପ୍ତ ରଖିବାଯୋଗ୍ୟ ବିଷୟ ||୪-୦୩||

Today I have described the same ancient science to you, because you are my sincere devotee and friend. Karma-yoga is a supreme secret indeed. (4.03)

## ଅର୍ଜୁନ ଉବାଚ .

## ଅପରଂ ଭବତୋ ଜନ୍ମ ପରଂ ଜନ୍ମ ବିବସ୍ୱତଃ .

## କଥମେତଦ୍ୱିଜାନୀୟାଂ ତ୍ୱମାଦୌ ପ୍ରୋକ୍ତବାନିତି .. ୪-୪..

ଅର୍ଜୁନ କହିଲେ -- ଆପଣଙ୍କର ଜନ୍ମ ତ ଅର୍ବାଚୀନ -- ଏବେ ହୋଇଛି ଏବଂ ସୂର୍ଯ୍ୟଙ୍କର ଜନ୍ମ ବହୁ ପୁରାତନ ଅର୍ଥାତ୍ କଳ୍ପର ଆରମ୍ଭରେ ହୋଇଥିଲା; ତେଣୁ ଆପଣ କଳ୍ପର ଆରମ୍ଭରେ ସୂର୍ଯ୍ୟଙ୍କୁ ଏହି ଯୋଗ କହିଥିଲେ ବୋଲି ମୁଁ କିପରି ବୁଝିପାରିବି? |୪-୦୪||

Arjuna said: You were born later, but Vivasvaan was born in ancient time. How am I to understand that You taught this yoga in the beginning (of the creation)? (4.04)

## ଶ୍ରୀଭଗବାନୁବାଚ .

## ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ .

## ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରଂତପ .. ୪-୫..

ଶ୍ରୀଭଗବାନ୍ କହିଲେ -- ହେ ପରନ୍ତପ ଅର୍ଜୁନ! ମୋର ଓ ତୁମର ଅନେକ ଜନ୍ମ ଅତିବାହିତ ହୋଇସାରିଛି | ତୁମେ ସେସବୁ ଜାଣ ନାହିଁ; କିନ୍ତୁ ମୁଁ ଜାଣେ ||୪-୦୫||

The Supreme Lord said: Both you and I have taken many births. I remember them all, O Arjuna, but you do not remember. (4.05)

## ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ .

## ପ୍ରକୃତିଂ ସ୍ୱାମଧିଷ୍ଠାୟ ସଂଭବାମ୍ୟାତ୍ମମାୟୟା .. ୪-୬..

ମୁଁ ଅଜନ୍ମା ଏବଂ ଅବିନାଶୀସ୍ୱରୂପ ହୋଇଥିଲେ ମଧ୍ୟ ଏବଂ ସମସ୍ତ ପ୍ରାଣୀମାନଙ୍କର ଈଶ୍ୱର ହୋଇଥିଲେ ମଧ୍ୟ ନିଜ ପ୍ରକୃତିକୁ ଅଧୀନ କରି ନିଜ ଯୋଗମାୟାବଳରେ ପ୍ରକଟ ହୋଇଥାଏ ||୪-୦୬||

Though I am eternal, imperishable, and the Lord of all beings; yet I (voluntarily) manifest by controlling My own material nature using My Yoga-Maya. (See also 10.14) (4.06)
Yoga-Maya is same as Maya; the supernatural, extraordinary, and mystic power of Brahman. The word Maya means unreal, illusory, or deceptive image of the creation. Due to the power of Maya one consider the universe as existent and distinct from Brahman, the Supreme spirit. Brahman is invisible potential energy; Maya is kinetic energy, the force of action. They are inseparable like fire and heat. Maya is a metaphor used to explain the visible world or Jagat to common people.

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ .

ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ .. ୪-୭..

ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ .

ଧର୍ମସଂସ୍ଥାପନାର୍ଥାୟ ସଂଭବାମି ଯୁଗେ ଯୁଗେ .. ୪-୮..

ହେ ଭାରତ! ଯେଉଁ ଯେଉଁ ସମୟରେ ଧର୍ମର ଅବକ୍ଷୟ ହୁଏ ଏବଂ ଅଧର୍ମର ବୃଦ୍ଧି ହୁଏ, ସେହି ସେହି ସମୟରେ ମୁଁ ନିଜର ରୂପ ସୃଷ୍ଟି କରିଥାଏ, ଅର୍ଥାତ୍ ସାକାରରୂପରେ ଲୋକମାଙ୍କ ସମ୍ମୁଖରେ ପ୍ରକଟ ହୁଏ ||୪-୦୭|| ସାଧୁ ପୁରୁଷମାନଙ୍କୁ ଉଦ୍ଧାର କରିବାପାଇଁ, ପାପୀମାନଙ୍କୁ ବିନାଶ କରିବାପାଇଁ ଏବଂ ଧର୍ମ ସଂସ୍ଥାପନା କରିବାପାଇଁ ମୁଁ ଯୁଗେ ଯୁଗେ ପ୍ରକଟ ହୋଇଥାଏ ||୪-୦୮||

Whenever there is a decline of Dharma and the rise of Adharma, O Arjuna, then I manifest (or incarnate) Myself. I incarnate from time to time for protecting the good, for transforming the wicked, and for establishing Dharma, the world order. (4.07-08)

ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ .

ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ .. ୪-୯..

ହେ ଅର୍ଜୁନ! ମୋର ଜନ୍ମ ଏବଂ କର୍ମ ଦିବ୍ୟ ଅର୍ଥାତ୍ ନିର୍ମଳ ଏବଂ ଅଲୌକିକ ବୋଲି ଯେଉଁ ମନୁଷ୍ୟ ତତ୍ତ୍ୱତଃ ଜାଣିପାରେ, ସେ ଶରୀର ତ୍ୟାଗ କରି ପୁନରଜନ୍ମ ପାଏ ନାହିଁ! ସେ ମୋତେ ହିଁ ପାଇଯାଏ ||୪-୦୯||

The one who truly understands My transcendental birth and activities (of creation, maintenance, and dissolution), is not born again after leaving this body and attains My abode, O Arjuna. (4.09)

ବୀତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତାଃ .

ବହବୋ ଜ୍ଞାନତପସା ପୂତା ମଦ୍ଭାବମାଗତାଃ .. ୪-୧୦..

ପୂର୍ବକାଳରେ ବି ଯେଉଁମାନଙ୍କର ରାଗ, ଭୟ ଓ କ୍ରୋଧ ସର୍ବଥା ନଷ୍ଟ ହୋଇଯାଇଥିଲା ଏବଂ ଯେଉଁମାନେ ମୋଠାରେ ଅନନ୍ୟ ପ୍ରେମପୂର୍ବକ ତନ୍ମୟ ହୋଇ ରହିଥିଲେ, ମୋତେ ଆଶ୍ରୟ କରି ରହିଥିବା ସେହିସବୁ ଭକ୍ତ ଉପରୋକ୍ତ ଜ୍ଞାନରୂପକ ତପଦ୍ୱାରା ପବିତ୍ର ହୋଇ ମୋର ସ୍ୱରୂପ ପ୍ରାପ୍ତ ହୋଇସାରିଛନ୍ତି ||୪-୧୦||

Freed from attachment, fear, and anger; fully absorbed in Me, taking refuge in Me, and purified by the fire of Self-knowledge, many have attained Me. (4.10)

ଯେ ଯଥା ମାଂ ପ୍ରପଦ୍ୟଂତେ ତାଂସ୍ତଥୈବ ଭଜାମ୍ୟହମ୍ .

ମମ ବର୍ତ୍ମାନୁବର୍ତଂତେ ମନୁଷ୍ୟାଃ ପାର୍ଥ ସର୍ବଶଃ .. ୪-୧୧..

ହେ ଅର୍ଜୁନ! ଯେଉଁ ଭକ୍ତମାନେ ମୋତେ ଯେଉଁପରି ଭଜନ କରନ୍ତି, ମୁଁ ସେମାନଙ୍କୁ ସେହିପରି ଭଜନ କରେ; କାରଣ ମନୁଷ୍ୟମାନେ ସବୁପ୍ରକାରେ ମୋର ହିଁ ମାର୍ଗ ଅନୁସରଣ କରନ୍ତି ||୪-୧୧||

With whatever motive people worship Me, I reward them (or fulfill their desires) accordingly. People worship (or approach) Me with different motives. (4.11)

## କାଙ୍କ୍ଷଂତଃ କର୍ମଣାଂ ସିଦ୍ଧିଂ ଯଜଂତ ଇହ ଦେବତାଃ .
## କ୍ଷିପ୍ରଂ ହି ମାନୁଷେ ଲୋକେ ସିଦ୍ଧିର୍ଭବତି କର୍ମଜା .. ୪-୧୨..

ଏହି ମନୁଷ୍ୟଲୋକରେ କର୍ମଫଳ ଆକାଙ୍କ୍ଷା କରୁଥିବା ଲୋକେ ଦେବତାମାନଙ୍କୁ ପୂଜା କରନ୍ତି; କାରଣ ସେମାନଙ୍କୁ କର୍ମରୁ ଉତ୍ପନ୍ନ ହେଉଥିବା ସିଦ୍ଧି ଶୀଘ୍ର ମିଳିଯାଏ ||୪-୧୨||

Those who long for success in their work here (on the earth) worship the demigods (or Devas). Success in work comes quickly in this human world. (4.12)

## ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ .
## ତସ୍ୟ କର୍ତାରମପି ମାଂ ବିଦ୍ଧ୍ୟକର୍ତାରମବ୍ୟୟମ୍ .. ୪-୧୩..

ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର -- ଏହି ଚାରି ବର୍ଣ୍ଣର ସମୂହ ଗୁଣ ଓ କର୍ମର ବିଭାଗପୂର୍ବକ ମୋ ଦ୍ଵାରା ରଚିତ ହୋଇଛି | ଏପରିଭାବରେ ମୁଁ ସେହି ସୃଷ୍ଟିରଚନାଦି କର୍ମର କର୍ତ୍ତା ହୋଇଥିଲେ ମଧ୍ୟ, ତୁମେ ମୋତେ ଅର୍ଥାତ୍ ଅବିନାଶୀ ପରମେଶ୍ଵରଙ୍କୁ ବସ୍ତୁତଃ ଅକର୍ତ୍ତା ବୋଲି ହିଁ ଜାଣ ||୪-୧୩||

The four Varna or divisions of human society, based on aptitude and vocation, were created by Me. Though I am the author of this system, one should know that I do nothing and I am eternal. (See also 18.41) (4.13)

## ନ ମାଂ କର୍ମାଣି ଲିଂପଂତି ନ ମେ କର୍ମଫଲେ ସ୍ପୃହା .
## ଇତି ମାଂ ୟୋଽଭିଜାନାତି କର୍ମଭିର୍ନ ସ ବଧ୍ୟତେ .. ୪-୧୪..

କର୍ମଫଳରେ ମୋର ସ୍ପୃହା ନାହିଁ, ତେଣୁ ମୋତେ କର୍ମମାନେ ଲିପ୍ତ କରନ୍ତି ନାହିଁ | ଯେ ମୋତେ ଏହିପରି ତତ୍ତ୍ଵତଃ ଜାଣିପାରନ୍ତି, ସେ ମଧ୍ୟ କର୍ମମାନଙ୍କ ଦ୍ଵାରା ବାନ୍ଧିହୁଅନ୍ତି ନାହିଁ ||୪-୧୪||

Works do not bind Me, because I have no desire for the fruits of work. The one who understands this truth is (also) not bound by Karma. (4.14)

## ଏବଂ ଜ୍ଞାତ୍ଵା କୃତଂ କର୍ମ ପୂର୍ବୈରପି ମୁମୁକ୍ଷୁଭିଃ .
## କୁରୁ କର୍ମୈବ ତସ୍ମାତ୍ତ୍ଵଂ ପୂର୍ବୈଃ ପୂର୍ବତରଂ କୃତମ୍ .. ୪-୧୫..

ପୂର୍ବକାଳର ମୁମୁକ୍ଷୁମାନେ ମଧ୍ୟ ଏହା ଜାଣି କର୍ମ କରିଥିଲେ | ତେଣୁ ତୁମେ ମଧ୍ୟ ପୂର୍ବଜମାନଙ୍କ ଦ୍ଵାରା ଆଦିକାଳରୁ କରାଯାଇଥିବା କର୍ମ ହିଁ କର ||୪-୧୫||

The ancient seekers of liberation also performed their duties with this understanding. Therefore, you should do your duty as the ancients did. (4.15)

## କିଂ କର୍ମ କିମକର୍ମେତି କବୟୋଽପ୍ୟତ୍ର ମୋହିତାଃ .
## ତତ୍ତେ କର୍ମ ପ୍ରବକ୍ଷ୍ୟାମି ଯଜ୍ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ .. ୪-୧୬..

କର୍ମ କଣ ଏବଂ ଅକର୍ମ କଣ, ତାହା ନିର୍ଣ୍ଣୟ କରିବାବେଳେ ବୁଦ୍ଧିମାନ୍ ପୁରୁଷମାନେ ମଧ୍ଯ ଭ୍ରମରେ ପଡିଯାଆନ୍ତି |ତେଣୁ ମୁଁ ତୁମକୁ ସେହି କର୍ମତତ୍ତ୍ୱ ଭଲଭାବରେ ବୁଝାଇ କହିଦେବି, ଯାହା ଜାଣିଲେ ତୁମେ ଅଶୁଭରୁ ଅର୍ଥାତ୍ କର୍ମବନ୍ଧନରୁ ମୁକ୍ତ ହୋଇଯିବ ||୪-୧୬||

Even the wise are confused about what is action and what is inaction. Therefore, I shall clearly explain what is action, knowing that one shall be liberated from the evil (of birth and death). (4.16)

## କର୍ମଣୋ ହ୍ୟପି ବୋଦ୍ଧବ୍ୟଂ ବୋଦ୍ଧବ୍ୟଂ ଚ ବିକର୍ମଣଃ .
## ଅକର୍ମଣଶ୍ଚ ବୋଦ୍ଧବ୍ୟଂ ଗହନା କର୍ମଣୋ ଗତିଃ .. ୪-୧୭..

କର୍ମର ସ୍ୱରୂପ ବି ଜାଣିବା ଉଚିତ ଓ ଅକର୍ମର ସ୍ୱରୂପ ବି ଜାଣିବା ଉଚିତ ତଥା ବିକର୍ମର ସ୍ୱରୂପ ମଧ୍ଯ ଜାଣିବା ଉଚିତ; କାରଣ କର୍ମର ଗତି ବଡ ଗହନ ||୪-୧୭||

The true nature of action is very difficult to understand. Therefore, one should know the nature of attached action, the nature of detached action, and also the nature of forbidden action. (4.17)

## କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ .
## ସ ବୁଦ୍ଧିମାନ୍ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନକର୍ମକୃତ୍ .. ୪-୧୮..

ଯେ କର୍ମରେ ଅକର୍ମ ଦର୍ଶନ କରନ୍ତି ଏବଂ ଅକର୍ମରେ କର୍ମ ଦର୍ଶନ କରନ୍ତି, ସେ ମନୁଷ୍ୟମାନଙ୍କ ମଧ୍ଯରେ ବୁଦ୍ଧିମାନ୍ ଏବଂ ସେହି ଯୋଗୀ ସମସ୍ତ କର୍ମ କରିଥାନ୍ତି ||୪-୧୮||

Attached action is selfish work that produces Karmic bondage, detached action is unselfish work or Seva that leads to nirvana, and forbidden action is harmful to society. The one who sees inaction in action, and action in inaction, is a wise person. Such a person is a yogi and has accomplished everything. (See also 3.05, 3.27, 5.08 and 13.29) (4.18)

## ଯସ୍ୟ ସର୍ବେ ସମାରଂଭାଃ କାମସଂକଲ୍ପବର୍ଜିତାଃ .
## ଜ୍ଞାନାଗ୍ନିଦଗ୍ଧକର୍ମାଣଂ ତମାହୁଃ ପଂଡିତଂ ବୁଧାଃ .. ୪-୧୯..

ଯାହାଙ୍କର ସମସ୍ତ ଶାସ୍ତ୍ରସମ୍ମତ କର୍ମ କାମନାଶୂନ୍ୟ ଓ ସଙ୍କଳ୍ପଶୂନ୍ୟ ହୋଇଥାଏ, ତଥା ଯାହାଙ୍କର ସମସ୍ତ କର୍ମ ଜ୍ଞାନରୂପକ ଅଗ୍ନିଦ୍ୱାରା ଭସ୍ମ ହୋଇଯାଇଛି, ସେହି ମହାପୁରୁଷଙ୍କୁ ଜ୍ଞାନୀମାନେ ମଧ୍ଯ ପଣ୍ଡିତ ବୋଲି କହନ୍ତି ||୪-୧୯||

A person whose all works are free from selfish desires and motives, and whose all Karma is burned up in the fire of Self-knowledge, is called a sage by the wise. (4.19)

## ତ୍ୟକ୍ତ୍ୱା କର୍ମଫଲାସଂଗଂ ନିତ୍ୟତୃପ୍ତୋ ନିରାଶ୍ରୟଃ .

## କର୍ମଣ୍ୟଭିପ୍ରବୃତ୍ତୋଽପି ନୈବ କିଂଚିତ୍କରୋତି ସଃ .. ୪-୨୦..

ଯେଉଁ ପୁରୁଷ ସମସ୍ତ କର୍ମରେ ଏବଂ ତାହାର ଫଳରେ ସର୍ବଥା ଆସକ୍ତି ତ୍ୟାଗ କରି ସଂସାରର ଆଶ୍ରୟରୁ ରହିତ ହୋଇଯାଇଛନ୍ତି ଏବଂ ପରମାତ୍ମାଙ୍କ ଠାରେ ନିତ୍ୟତୃପ୍ତ ହୋଇ ରହିଛନ୍ତି, ସେ କର୍ମରେ ଭଲଭାବରେ ପ୍ରବୃତ୍ତ ହୋଇ ମଧ୍ୟ ବସ୍ତୁତଃ କିଛି ବି କରନ୍ତି ନାହିଁ | ||୪-୨୦||

Having abandoned attachment to the fruits of work, ever content, and dependent on no one (but God); though engaged in activity, one does nothing at all (and incurs no Karmic reaction). (4.20)

## ନିରାଶୀର୍ୟତଚିତ୍ତାତ୍ମା ତ୍ୟକ୍ତସର୍ବପରିଗ୍ରହଃ .

## ଶାରୀରଂ କେବଲଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ୍ .. ୪-୨୧..

ଯେ ଅନ୍ତଃକରଣ ଓ ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ଜୟ କରିନେଇଛନ୍ତି, ଯେ ସମସ୍ତ ଭୋଗସାମଗ୍ରୀ ପରିତ୍ୟାଗ କରିଦେଇଛନ୍ତି,ସେହି ଆଶାରହିତ ପୁରୁଷ କେବଳ ଶରୀରସମ୍ବନ୍ଧୀ କର୍ମ କରୁଥିଲେ ମଧ୍ୟ ପାପଭାଗୀ ହୁଅନ୍ତି ନାହିଁ ||୪-୨୧||

Free from desires, mind and senses under control, renouncing all proprietorship, doing mere bodily action, one does not incur sin (or Karmic reaction). (4.21)

## ଯଦୃଚ୍ଛାଲାଭସଂତୁଷ୍ଟୋ ଦ୍ୱଂଦ୍ୱାତୀତୋ ବିମତ୍ସରଃ .

## ସମଃ ସିଦ୍ଧାବସିଦ୍ଧୌ ଚ କୃତ୍ୱାପି ନ ନିବଧ୍ୟତେ .. ୪-୨୨..

ଯେ ବିନା-ଇଚ୍ଛାରେ ସ୍ୱତଃ ମିଳୁଥିବା ପଦାର୍ଥରେ ସଦା ସନ୍ତୁଷ୍ଟ ରହନ୍ତି, ଯେ ସର୍ବଥା ଈର୍ଷାଶୂନ୍ୟ ହୋଇଯାଇଛନ୍ତି, ଯେ ହର୍ଷସୋକ ଆଦି ଦ୍ୱନ୍ଦ୍ୱରୁ ସର୍ବଥା ଅତୀତ ହୋଇଯାଇଛନ୍ତି, ସିଦ୍ଧି ଓ ଅସିଦ୍ଧିରେ  ସମ ରହୁଥିବା ସେହି କର୍ମଯୋଗୀ କର୍ମ କରି ମଧ୍ୟ ସେଥିରେ ବାନ୍ଧି ହୁଅନ୍ତି ନାହିଁ  ଅର୍ଥାତ୍ ସେ କର୍ମବନ୍ଧନରେ ପଡନ୍ତି ନାହିଁ | ||୪-୨୨ ||

Content with whatever gain comes naturally by His will, unaffected by dualities, free from envy, equanimous in success and failure; though engaged in work such a person is not bound (by Karma). (4.22)

## ଗତସଂଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ .

## ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ .. ୪-୨୩..

ଯାହାଙ୍କର ଆସକ୍ତି ସର୍ବଥା ନଷ୍ଟ ହୋଇଯାଇଛି, ଯେ ଦେହାଭିମାନ ଓ ମମତ୍ୱରୁ ରହିତ ହୋଇଯାଇଛନ୍ତି, ଯାହାଙ୍କ ଚିତ୍ତ ନିରନ୍ତର ପରମାତ୍ମାଙ୍କ ଜ୍ଞାନରେ ଲାଗିରହିଛି, କେବଳ ଯଜ୍ଞାସମ୍ପାଦନନିମିତ୍ତ କର୍ମ କରୁଥିବା ସେହି ମନୁଷ୍ୟଙ୍କର ସକଳ କର୍ମ ଭଲଭାବରେ ବିଲୀନ ହୋଇଯାଏ  ||୪-୨୩||

Those who are devoid of attachment, whose mind is fixed in knowledge, who does work as a Seva to the Lord, all Karma of such liberated persons dissolves away. (4.23)

## ବ୍ରହ୍ମାର୍ପଣଂ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ .
## ବ୍ରହ୍ମୈବ ତେନ ଗଂତବ୍ୟଂ ବ୍ରହ୍ମକର୍ମସମାଧିନା .. ୪-୨୪..

ଯେଉଁ ଯଜ୍ଞରେ ଅର୍ପଣ ଅର୍ଥାତ୍ ସ୍ରୁବ ଆଦି ଉପକରଣ ମଧ ବ୍ରହ୍ମ ଏବଂ ହବନଯୋଗ୍ୟ ଦ୍ରବ୍ୟ ମଧ ବ୍ରହ୍ମ ତଥା ବ୍ରହ୍ମରୂପକ କର୍ତ୍ତାଙ୍କ ଦ୍ୱାରା ବ୍ରହ୍ମରୂପକ ଅଗ୍ନିରେ ଆହୁତିଦାନରୂପକ କ୍ରିୟା ମଧ ବ୍ରହ୍ମ, ସେହି ବ୍ରହ୍ମକର୍ମରେ ସ୍ଥିତ ରହୁଥିବ ଯୋଗୀଙ୍କଦ୍ୱାରା ପାଇବାଯୋଗ୍ୟ ଫଳ ମଧ ବ୍ରହ୍ମ ହିଁ ଅଟେ | ||୪-୨୪||

Brahman is the oblation. Brahman is the clarified butter. The oblation is poured by Brahman into the fire of Brahman. Brahman shall be realized by the one who considers everything as (a manifestation or) an act of Brahman. (Also see 9.16) (4.24)

## ଦୈବମେବାପରେ ଯଜ୍ଞଂ ଯୋଗିନଃ ପର୍ୟୁପାସତେ .
## ବ୍ରହ୍ମାଗ୍ନାବପରେ ଯଜ୍ଞଂ ଯଜ୍ଞେନୈବୋପଜୁହ୍ୱତି .. ୪-୨୫..

ଅନ୍ୟ କେତେକ ଯୋଗୀ ଦେବତାମାନଙ୍କର ପୂଜନରୂପକ ଯଜ୍ଞକୁ ହିଁ ଭଲଭାବରେ ଅନୁଷ୍ଠାନ କରନ୍ତି ଏବଂ ଅନ୍ୟ କେତେକ ଯୋଗୀ ପରବ୍ରହ୍ମ-ପରମାତ୍ମାରୂପକ ଅଗ୍ନିରେ ଅଭେଦଦର୍ଶନରୂପକ ଯଜ୍ଞଦ୍ୱାରା ହିଁ ଆତ୍ମାରୂପକ ଯଜ୍ଞକୁ ହବନ କରନ୍ତି ||୪-୨୫||

## ଶ୍ରୋତ୍ରାଦୀନୀଂଦ୍ରିୟାଣ୍ୟନ୍ୟେ ସଂଯମାଗ୍ନିଷୁ ଜୁହ୍ୱତି .
## ଶବ୍ଦାଦୀନ୍ୱିଷୟାନନ୍ୟ ଇଂଦ୍ରିୟାଗ୍ନିଷୁ ଜୁହ୍ୱତି .. ୪-୨୬..

ଅନ୍ୟ ଯୋଗୀମାନେ ଶ୍ରୋତ୍ର ଆଦି ଇନ୍ଦ୍ରିୟମାନଙ୍କୁ ସଂଯମରୂପକ ଅଗ୍ନିମାନଙ୍କରେ ହୋମ କରନ୍ତି ଏବଂ ଆଉ କେତେକ ଯୋଗୀ ଶବ୍ଦାଦି ବିଷୟମାନଙ୍କୁ ଇନ୍ଦ୍ରିୟରୂପକ ଅଗ୍ନିମାନଙ୍କରେ ହୋମ କରନ୍ତି ||୪-୨୬||

Some offer their hearing and other senses (as sacrifice) in the fires of restraint, others offer sound and other objects of the senses (as sacrifice) in the fires of the senses. (4.26)

## ସର୍ବାଣୀଂଦ୍ରିୟକର୍ମାଣି ପ୍ରାଣକର୍ମାଣି ଚାପରେ .
## ଆତ୍ମସଂଯମଯୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ .. ୪-୨୭..

ଅନ୍ୟ ଯୋଗୀମାନେ  ଇନ୍ଦ୍ରିୟମାନଙ୍କର ସମସ୍ତ କ୍ରିୟା ଏବଂ ପ୍ରାଣୀମାନଙ୍କର ସମସ୍ତ  କ୍ରିୟା ଜ୍ଞାନଦ୍ୱାରା ପ୍ରକାଶିତ ଆତ୍ମସଂଯମଯୋଗରୂପକ ଅଗ୍ନିରେ ହୋମ କରିଦିଅନ୍ତି ||୪-୨୭||

Others offer all the functions of the senses, and the functions of Prana (or the five bioimpulses) as sacrifice in the fire of the yoga of self-restraint that is kindled by knowledge. (4.27)

## ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା ଯୋଗଯଜ୍ଞାସ୍ତଥାପରେ .

## ସ୍ୱାଧ୍ୟାୟଜ୍ଞାନଯଜ୍ଞାଶ୍ଚ ଯତୟଃ ସଂଶିତବ୍ରତାଃ .. ୪-୨୮..

କେତେକ ପୁରୁଷ ଦ୍ରବ୍ୟସମ୍ବନ୍ଧୀ ଯଜ୍ଞ କରନ୍ତି; କେତେକ ତପସ୍ୟାପୂପକ ଯଜ୍ଞ କରନ୍ତି; ତଥା ଆଉ କେତେକ ଯୋଗରୂପକ ଯଜ୍ଞ କରନ୍ତି; ପୁଣି ଆଉ କେତେକ ଅହିଂସାଦି ତୀକ୍ଷ୍ଣବ୍ରତରେ ଯୁକ୍ତ ପ୍ରଯତ୍ନଶୀଳ ପୁରୁଷ ସ୍ୱାଧ୍ୟାୟରୂପକ ଜ୍ଞାନଯଜ୍ଞ କରନ୍ତି||୪-୨୮||

Others offer their wealth, their austerity, and their practice of yoga as sacrifice, while the ascetics with strict vows offer their study of scriptures and knowledge as sacrifice. (4.28)

## ଅପାନେ ଜୁହ୍ୱତି ପ୍ରାଣଂ ପ୍ରାଣେଽପାନଂ ତଥାପରେ .

## ପ୍ରାଣାପାନଗତୀ ରୁଦ୍ଧ୍ୱା ପ୍ରାଣାୟାମପରାୟଣାଃ .. ୪-୨୯..

## ଅପରେ ନିୟତାହାରାଃ ପ୍ରାଣାନ୍ପ୍ରାଣେଷୁ ଜୁହ୍ୱତି .

## ସର୍ବେଽପ୍ୟେତେ ଯଜ୍ଞବିଦୋ ଯଜ୍ଞକ୍ଷପିତକଲ୍ମଷାଃ .. ୪-୩୦..

ଅନ୍ୟ କେତେକ ଯୋଗୀ ଅପାନବାୟୁରେ ପ୍ରାଣବାୟୁକୁ ହବନ କରନ୍ତି; ସେହିପରି ଅନ୍ୟ ଯୋଗୀମାନେ ପ୍ରାଣବାୟୁରେ ଅପାନବାୟୁକୁ ହବନ କରନ୍ତି ତଥା ଅନ୍ୟ କେତେକ ନିୟମିତ ଆହାର କରୁଥିବା ପ୍ରାଣାୟାମପରାୟଣ ପୁରୁଷ ପ୍ରାଣ ଓ ଅପାନର ଗତିକୁ ରୋଧ କରି ପ୍ରାଣମାନଙ୍କୁ ପ୍ରାଣମାନଙ୍କରେ ହିଁ ହବନ କରନ୍ତି | ଏହି ସମସ୍ତ ସାଧକ ଯଜ୍ଞଦ୍ୱାରା ପାପ ନାଶ କରାଇଦିଅନ୍ତି; ଏମାନେ ଯଜ୍ଞର ଜ୍ଞାତା ଅଟନ୍ତି ||୪-୨୯,୪-୩୦||

Those who are engaged in yogic practice, reach the breathless state by offering inhalation into exhalation and exhalation into inhalation as sacrifice (by using short breathing Kriya techniques). (4.29)
Deep spiritual meaning and interpretation of the practical yogic verses (4.29, 4.30, 5.27, 6.13, 8.10, 8.12, 8.13, 8.24, and 8.25) should be acquired from a Self-realized master of Kriya-yoga.   Others restrict their diet and offer their inhalations as sacrifice into their inhalations. All these are the knowers of sacrifice, and are purified by (theirs) sacrifice. (4.30)

## ଯଜ୍ଞଶିଷ୍ଟାମୃତଭୁଜୋ ୟାଂତି ବ୍ରହ୍ମ ସନାତନମ୍ .

## ନାୟଂ ଲୋକୋଽସ୍ତ୍ୟଯଜ୍ଞସ୍ୟ କୁତୋଽନ୍ୟଃ କୁରୁସତ୍ତମ .. ୪-୩୧..

ହେ କୁରୁଶ୍ରେଷ୍ଠ ଅର୍ଜୁନ; ଯଜ୍ଞରୁ ବଳିଥିବା ଅମୃତକୁ ସେବନ କରୁଥିବା ଯୋଗୀମାନେ ସନାତନ ପରବ୍ରହ୍ମ ପରମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି; ଏବଂ ଯଜ୍ଞ କରୁ ନ ଥିବା ପୁରୁଷପାଇଁ ତ ଏହି ମନୁଷ୍ୟଲୋକ ମଧ୍ୟ ସୁଖଦାୟକ ନୁହେଁ; ପୁଣି ପରଲୋକ ବା କିପରି ସୁଖଦାୟକ ହୋଇପାରିବ !||୪-୩୧||

Those who perform Yajna obtain the nectar (of knowledge) as a result of their sacrifice and attain eternal Brahman. O Arjuna, even this world is not (a happy place) for the non-sacrificer, how can the other world be? (See also 4.38, and 5.06). (4.31)

## ଏବଂ ବହୁବିଧା ଯଜ୍ଞା ବିତତା ବ୍ରହ୍ମଣୋ ମୁଖେ .

## କର୍ମଜାନ୍ବିଦ୍ଧି ତାନ୍ସର୍ବାନେବଂ ଜ୍ଞାତ୍ୱା ବିମୋକ୍ଷ୍ୟସେ .. ୪-୩୨..

ଏହିପରି ଆହୁରି ବହୁପ୍ରକାର ଯଜ୍ଞ ବେଦବାଣୀଦ୍ୱାରା ବିସ୍ତାରିତଭାବରେ କୁହାଯାଇଛି | ସେସବୁ ମନ, ଇନ୍ଦ୍ରିୟ ଏବଂ ଶରୀରର କ୍ରିୟାଦ୍ୱାରା ସମ୍ପନ୍ନ ହୁଏ ବୋଲି  ଜାଣ | ଏହିପରି ତତ୍ତ୍ୱତଃ ଜାଣି ଯଜ୍ଞନିମିତ୍ତ କର୍ମାନୁଷ୍ଠାନ  କଲେ ତୁମେ କର୍ମବନ୍ଧନରୁ ସର୍ବଥା ମୁକ୍ତ ହୋଇଯିବ ||୪-୩୨||

Thus many types of sacrifice are described in the Vedas. Know them all to be born from Karma or the action of body, mind, and senses. Knowing this, you shall attain nirvana. (See also 3.14) (4.32)

## ଶ୍ରେୟାଂଦ୍ରବ୍ୟମୟାଦ୍ୟଜ୍ଞାଜ୍ଜ୍ଞାନୟଜ୍ଞଃ ପରଂତପ .

## ସର୍ବଂ କର୍ମାଖିଲଂ ପାର୍ଥ ଜ୍ଞାନେ ପରିସମାପ୍ୟତେ .. ୪-୩୩..

ହେ ପରନ୍ତପ ଅର୍ଜୁନ! ଦ୍ରବ୍ୟମୟ ଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞ ଅତ୍ୟନ୍ତ ଶ୍ରେଷ୍ଠ; କାରଣ ଯେକୌଣସିପ୍ରକାର କର୍ମ ହେଉ ନା କାହିଁକି, ସକଳ କର୍ମର ପରିସମାପ୍ତି ଜ୍ଞାନରେ ହୋଇଯାଏ ||୪-୩୩||

The knowledge sacrifice is superior to any material sacrifice, O Arjuna. Because, all actions in their entirety culminate in knowledge. (4.33)

## ତଦ୍ୱିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା .

## ଉପଦେକ୍ଷ୍ୟଂତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ .. ୪-୩୪..

ସେହି ଜ୍ଞାନକୁ ତୁମେ ତତ୍ତ୍ୱଦର୍ଶୀ ଜ୍ଞାନୀମାନଙ୍କ ନିକଟକୁ ଯାଇ ବୁଝ | ତାଙ୍କୁ ଭଲଭାବେ ଦଣ୍ଡବତ୍ ପ୍ରଣାମ କରି, ସେବା କରି ଏବଂ କପଟ ତ୍ୟାଗ କରି ସରଳତାପୂର୍ବକ ପ୍ରଶ୍ନ କଲେ, ଭଲଭାବରେ ପରମାତ୍ମତତ୍ତ୍ୱ ଜାଣିଥିବା ସେହି ଜ୍ଞାନୀ ମହାତ୍ମାମାନେ ତୁମକୁ ତତ୍ତ୍ୱଜ୍ଞାନ ଉପଦେଶ ଦେବେ,---- ||୪-୩୪ ||

Acquire this transcendental knowledge by humble reverence, by sincere inquiry, and by service (to a Self-realized guru). The wise who have realized the truth will teach you. (4.34)

## ୟଜ୍ଜ୍ଞାତ୍ୱା ନ ପୁନର୍ମୋହମେବଂ ୟାସ୍ୟସି ପାଂଡବ .

## ୟେନ ଭୂତାନ୍ୟଶେଷେଣ ଦ୍ରକ୍ଷ୍ୟସ୍ୟାତ୍ମନ୍ୟଥୋ ମୟି .. ୪-୩୫..

ଯାହା ଜାଣି ତୁମେ ଆଉ ଏହିପରି ମୋହପ୍ରାପ୍ତ ହେବ ନାହିଁ; ତଥା ହେ ଅର୍ଜୁନ! ସେହି ଜ୍ଞାନଦ୍ୱାରା ତୁମେ ସକଳଭୂତଙ୍କୁ ସମ୍ପୂର୍ଣ୍ଣଭାବରେ ପ୍ରଥମେ ନିଜଠାରେ ଏବଂ ପରେ ମୋଠାରେ ଅର୍ଥାତ୍ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ଠାରେ ଦେଖିବ ||୪-୩୫ ||

Knowing that, O Arjuna, you shall not again get deluded like this. By this knowledge you shall behold the entire creation in your own Self/Lord, or in Brahman. (See also 6.29) (4.35)

## ଅପି ଚେଦସି ପାପେଭ୍ୟଃ ସର୍ବେଭ୍ୟଃ ପାପକୃତ୍ତମଃ .
## ସର୍ବଂ ଜ୍ଞାନପ୍ଲବେନୈବ ବୃଜିନଂ ସଂତରିଷ୍ୟସି .. ୪-୩୬..

ଯଦି ତୁମେ ସମସ୍ତ ପାପୀଙ୍କ ଠାରୁ ମଧ୍ୟ ଅଧିକ ପାପୀ ହୋଇଥାଅ, ତେବେ ମଧ୍ୟ ତୁମେ ଜ୍ଞାନରୂପକ ନୌକାଦ୍ଵାରା ନିଃସନ୍ଦେହ ସମ୍ପୂର୍ଣ୍ଣ ପାପସମୁଦ୍ରକୁ ଭଲଭାବରେ ପାର ହୋଇଯିବ ||୪-୩୬ ||

Even if one is the most sinful of all sinners, yet one shall cross over the ocean of sin by the raft of knowledge alone. (4.36)

## ଯଥୈଧାଂସି ସମିଦ୍ଧୋଽଗ୍ନିର୍ଭସ୍ମସାତ୍କୁରୁତେଽର୍ଜୁନ .
## ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍କୁରୁତେ ତଥା .. ୪-୩୭..

କାରଣ ହେ ଅର୍ଜୁନ! ପ୍ରଜ୍ଵଳିତ ଅଗ୍ନି ଯେପରି ଇନ୍ଧନସବୁ ଭସ୍ମୀଭୂତ କରିଦିଏ, ଜ୍ଞାନରୂପକ ଅଗ୍ନି ସେହିପରି ସମସ୍ତ କର୍ମ ଭସ୍ମୀଭୂତ କରିଦିଏ ||୪-୩୭ ||

As the blazing fire reduces wood to ashes, similarly, the fire of Self-knowledge reduces all Karma to ashes, O Arjuna. (4.37)

## ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ .
## ତତ୍ସ୍ଵୟଂ ଯୋଗସଂସିଦ୍ଧଃ କାଲେନାତ୍ମନି ବିଂଦତି .. ୪-୩୮..

ଏହି ସଂସାରରେ ଜ୍ଞାନସମାନ ପବିତ୍ରକାରକ ବସ୍ତୁ ନିଃସନ୍ଦେହ ଆଉ କିଛି ନାହିଁ | ଦୀର୍ଘକାଳ ଧରି କର୍ମଯୋଗସାଧନାଦ୍ଵାରା ଶୁଦ୍ଧାନ୍ତଃକରଣ ହୋଇଥିବା ମନୁଷ୍ୟ ଏହି ଜ୍ଞାନ ସ୍ଵତଃ ନିଜ ଆତ୍ମାରେ ପାଇପାରନ୍ତି ||୪-୩୮||

Verily there is no purifier in this world like knowledge. One who becomes purified by Karma-yoga discovers this knowledge within (naturally) in course of time. (See also 4.31, and 5.06). (4.38)

## ଶ୍ରଦ୍ଧାବାଁଲ୍ଲଭତେ ଜ୍ଞାନଂ ତତ୍ପରଃ ସଂଯତେଂଦ୍ରିୟଃ .
## ଜ୍ଞାନଂ ଲବ୍ଧ୍ଵା ପରାଂ ଶାଂତିମଚିରେଣାଧିଗଚ୍ଛତି .. ୪-୩୯..

ଜିତେନ୍ଦ୍ରିୟ, ସାଧନପରାୟଣ ଏବଂ ଶ୍ରଦ୍ଧାବାନ୍ ପୁରୁଷ ଜ୍ଞାନପ୍ରାପ୍ତ ହୁଅନ୍ତି ତଥା ଜ୍ଞାନପ୍ରାପ୍ତ ହୋଇ ସେ ଅବିଳମ୍ବେ ତତ୍କାଳ ହିଁ ଭଗବତ୍ପ୍ରାପ୍ତିରୂପକ ପରମ ଶାନ୍ତି ପ୍ରାପ୍ତ ହୋଇଯାଆନ୍ତି ||୪-୩୯||

The one who has faith, and is sincere, and has mastery over the senses, gains this knowledge. Having gained this, one at once attains the supreme peace. (4.39)

## ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି .

## ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ .. ୪-୪୦..

ବିବେକହିନ, ଶ୍ରଦ୍ଧାରହିତ ଏବଂ ସଂଶୟଯୁକ୍ତ ମନୁଷ୍ୟ ପରମାର୍ଥରୁ ଅବଶ୍ୟ ଭ୍ରଷ୍ଟ ହୋଇଯାଏ | ଏପରି ସଂଶୟଯୁକ୍ତ ମନୁଷ୍ୟପାଇଁ ଇହଲୋକ ନାହିଁ , କି ପରଲୋକ ନାହିଁ, କି ସୁଖ ମଧ ନାହିଁ | ||୪-୪୦ ||

But the ignorant, who has no faith and is full of doubt (about the Self), perishes. There is neither this world nor the world beyond nor happiness for the one who doubts. (4.40)

## ଯୋଗସଂନ୍ୟସ୍ତକର୍ମାଣଂ ଜ୍ଞାନସଂଛିନ୍ନସଂଶୟମ୍ .

## ଆତ୍ମବଂତଂ ନ କର୍ମାଣି ନିବଧ୍ନଂତି ଧନଂଜୟ .. ୪-୪୧..

ହେ ଧନଞ୍ଜୟ! ଯେ କର୍ମଯୋଗବିଧିରେ ସମସ୍ତ କର୍ମ ପରମାତ୍ମାଙ୍କ ଠାରେ ଅର୍ପଣ କରିଦେଇଛନ୍ତି ଏବଂ ଯେ ବିବେକଦ୍ୱାରା ସମସ୍ତ ସଂଶୟ ନାଶ କରିଦେଇଛନ୍ତି, ସେପରି ବଶୀକୃତ ଅନ୍ତଃକରଣଯୁକ୍ତ ପୁରୁଷଙ୍କୁ କର୍ମମାନେ ବାନ୍ଧିପାରନ୍ତି ନାହିଁ ||୪-୪୧||

Karma does not bind one who has renounced work (by renouncing the fruits of work) through Karma-yoga; whose doubt is completely destroyed by knowledge; and who is Self-realized, O Arjuna. (4.41)

## ତସ୍ମାଦଜ୍ଞାନସଂଭୂତଂ ହୃତ୍ସ୍ଥଂ ଜ୍ଞାନାସିନାତ୍ମନଃ .

## ଛିତ୍ତ୍ୱୈନଂ ସଂଶୟଂ ଯୋଗମାତିଷ୍ଠୋତ୍ତିଷ୍ଠ ଭାରତ .. ୪-୪୨..

ତେଣୁ ହେ ଭରତବଂଶୀୟ ଅର୍ଜୁନ!  ତୁମେ ବିବେକଜ୍ଞ୍ୟାନରୂପକ ତରବାରିଦ୍ୱାରା ହୃଦୟରେ ରହିଥିବା ନିଜର ଅଜ୍ଞାନଜନିତ ସଂଶୟ ଛେଦନକରି ସମତ୍ୱରୂପକ କର୍ମଯୋଗରେ ସ୍ଥିତ ହୁଅ ଏବଂ ଯୁଦ୍ଧପାଇଁ ଠିଆ ହୋଇଯାଅ ||୪-୪୨||

Therefore, resort to Karma-yoga and cut the ignorance-born doubt abiding in your heart by the sword of Self-knowledge, and get up (to fight), O Arjuna. (4.42)

## ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ

## ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂଵାଦେ

## ଜ୍ଞାନକର୍ମସଂନ୍ୟାସଯୋଗୋ ନାମ ଚତୁର୍ଥୋଽଧ୍ୟାୟଃ .. ୪..

---

PREPARED BY **www.odia.org** using the "**DHWANI-UNICODE**" software.
The shlokas are based on itrans text and the english meanings are quoted from “The Bhagavad-Geeta by Ramanand Prasad” (file “bgita_meaning.txt”) at www.sanskritdocuments.org .

The odia meaning is quoted from shrimadbhagabatgiitaa (Gita Press Gorakhpur #1100, ISBN 81-293-0066-4) in odia with tiikka by Jayadayaal Goyandaka.
**FOR CORRECTIONS: MAIL TO     odiaorg@gmail.com**